# ଅଧ୍ୟାୟ – VII

# ସ୍ମାର୍ଟ ସିଟି ଦ୍ୱାରା କଠିନ ବର୍ଜ୍ୟବସ୍ତୁ ର ପରିଚାଳନା

# ଅଧ୍ୟାୟ – VII

## ସ୍ମାର୍ଟ ସିଟି ଦ୍ୱାରା କଠିନ ବର୍ଜ୍ୟବସ୍ତୁ ର ପରିଚାଳନା

### 7.1 ସ୍ମାର୍ଟ ସିଟି ର ଉଦ୍ଦେଶ୍ୟ

ଭାରତ ସରକାର ସ୍ମାର୍ଟ ସିଟି ମିଶନ୍ ଦେଶର 100 ଟି ସହରକୁ ଅନ୍ତର୍ଭୁକ୍ତ କରିଥିଲେ (ଜୁନ୍ 2015) । ଦେଶର 100 ଟି ସହର ମଧ୍ୟରୁ ଓଡିଶାର ଦୁଇଟି ସହର କୁ ସ୍ମାର୍ଟ ସିଟି ଭାବରେ ଚିହ୍ନଟ କରାଯାଇଥିଲା ।

ସ୍ମାର୍ଟ ସିଟି ମିଶନର ଉଦ୍ଦେଶ୍ୟ ହେଉଛି ସହରଗୁଡିକୁ ପ୍ରୋତ୍ସାହିତ କରିବା ଯାହାକି ମୂଳ ଭିତ୍ତିଭୂମି ଯୋଗାଇବ ଏବଂ ଏହାର ନାଗରିକ ମାନଙ୍କୁ ଏକ ସ୍ୱଚ୍ଛ ଏବଂ ନିରନ୍ତର ବିକାଶ ସହିତ ଏକ ଗୁଣାତ୍ମକ ଜୀବନ ପ୍ରଦାନ କରିବ । ଧାରଣା ଥିଲା ଯେ ଆବଦ୍ଧ କ୍ଷେତ୍ର ଗୁଡିକର ବିକାଶ, ଏକ ଅବିକଳ ମଡେଲ ସୃଷ୍ଟି କରିବ ଯାହାକି ଅନ୍ୟ ଆଶାୟୀ ସହର ଗୁଡିକ ପାଇଁ ଏକ ସହଜ ପରିକଳ୍ପନା ପରି କାର୍ଯ୍ୟ କରିବ । ସ୍ମାର୍ଟ ସିଟି ମିଶନ୍ ନିର୍ଦ୍ଦେଶାବଳୀ ଦଶଟି[52] ମୂଳ ଭିତ୍ତିଭୂମି ଉପାଦାନ ଯୋଗାଇଦେଇଥିଲା ଯାହାକି ପାଞ୍ଚବର୍ଷର (2015-20) ମିଶନ୍ ଅବଧି ମଧ୍ୟରେ ସମାପ୍ତ ହେବା କଥା । କଠିନ ବର୍ଜ୍ୟବସ୍ତୁ ପରିଚାଳନା ହେଉଛି ଦଶଟି ମୌଳିକ ଭିତ୍ତୀଭୂମି ଉପାଦାନ ମଧ୍ୟରୁ ଗୋଟିଏ ।

### 7.2 ସ୍ମାର୍ଟ ସିଟି ପାଇଁ ପରିକଳ୍ପିତ ସଂସ୍ଥାଗତ ତତ୍ତ୍ୱ

ନିର୍ଦ୍ଦେଶାବଳୀ ଅନୁଯାୟୀ, ସହର ସ୍ତରରେ ମିଶନର କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟ ପୂରଣ ପାଇଁ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ (ଏସପିଭି) ସିଟି ସ୍ତରରେ ସୃଷ୍ଟି କରାଯାଏ । ଏସପିଭି ସ୍ମାର୍ଟ ସିଟି ବିକାଶ ପ୍ରକଳ୍ପର ଯୋଜନା,ମୂଲ୍ୟାଙ୍କନ, ଅନୁମୋଦନ, ପାଣ୍ଠିଛାଡିବା, ବିକାଶର କାର୍ଯ୍ୟକାରୀ, ପରିଚାଳନା, ମନିଟରିଂ ଏବଂ ମୂଲ୍ୟାୟନ କରିବ । ପ୍ରତ୍ୟେକ ସ୍ମାର୍ଟ ସିଟିରେ ଏକ ଏସପିଭି ରହିବ ଯାହାକି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ ଏବଂ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ବୋର୍ଡରେ କେନ୍ଦ୍ର/ରାଜ୍ୟ ସରକାର ଏବଂ ୟୁଏଲବି ର ମନୋନୀତ ବ୍ୟକ୍ତି ମାନେ ରହିବେ । ବୋର୍ଡର ନିର୍ଦ୍ଦେଶନାମା ଅନୁଯାୟୀ ଏସ୍ପିଭି କାର୍ଯ୍ୟ ନଜର ରଖିବା ପାଇଁ ପାଞ୍ଚଜଣ ସ୍ୱାଧୀନ ନିର୍ଦ୍ଦେଶକ ସହିତ ଓଡିଶା ସରକାରଙ୍କ ଠାରୁ 13 ଜଣ ନିର୍ଦ୍ଦେଶକ ରହିବେ, ସେମାନଙ୍କ ମଧ୍ୟରୁ ସାତ ଜଣ ମହିଳା ନିର୍ଦ୍ଦେଶକ ଅର୍ନ୍ତଭୁକ୍ତ ହେବେ । ସ୍ମାର୍ଟ ସିଟି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ମେୟରଙ୍କ ନେତୃତ୍ୱରେ ଏକ ସହର ସ୍ତରୀୟ ପରାମର୍ଶଦାତା କମିଟି ଏବଂ ସହରର ନେତା ମାନଙ୍କ ମଧ୍ୟରୁ ଅନ୍ୟ ସଦସ୍ୟ ଏସ୍ପିଭି କୁ ପରାମର୍ଶ ଦେବାର ବ୍ୟବସ୍ଥା ରହିଛି।

ବୋର୍ଡର ଜଣେ ଅଧ୍ୟକ୍ଷ ଙ୍କ ନେତୃତ୍ୱରେ ପରିଚାଳିତ ହେବ ଯିଏ କି ପଦ ଅନୁସାରେ ଓଡିଶା ସରକାରଙ୍କ ଯୋଜନା ଏବଂ ସଂଯୋଜନ ବିଭାଗ ର ଉନ୍ନୟନ କମିଶନର-ଓ-ଅତିରିକ୍ତ ମୁଖ୍ୟ ସଚିବ ଅଟନ୍ତି । ସ୍ମାର୍ଟ ସିଟିର ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ପୂର୍ଣ୍ଣକାଳୀନ ମୁଖ୍ୟ କାର୍ଯ୍ୟକାରି ଅଧିକାରୀ ରହିବେ ଏବଂ ମୁଖ୍ୟ ପ୍ରବନ୍ଧ ନିର୍ଦ୍ଦେଶକ ହିସାବରେ ମ୍ୟୁନିସିପାଲ କର୍ପୋରେସନ କମିଶରଙ୍କ ଦ୍ୱାରା ଏସ୍ପିଭି ପରିଚାଳିତ ହେବ ।

### 7.3 ରଣନୀତିକ କାର୍ଯ୍ୟ ଯୋଜନା

ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ମାର୍ଟ ସିଟି ପ୍ରସ୍ତାବ (ଏସସିପି) ତିନୋଟି ପ୍ରକାର ଟାଇପୋଲୋଜି ,(କ) କ୍ଷେତ୍ରର ଉନ୍ନତି (ଖ) ସହରର ନବୀକରଣ ଏବଂ (ଗ) ସହରର ସମ୍ପ୍ରସାରଣ ଏବଂ ଅତି କମ୍ ରେ ସହର ଅନୁଯାୟୀ ଏକ (ପାନ୍ ସିଟି) ଉପରେ ଆଧାର କରି କ୍ଷେତ୍ର ବିକାଶ ପାଇଁ ରଣନୀତିକ କାର୍ଯ୍ୟ ଯୋଜନା ଧାରଣ କରିବ ଯାହା ଭୌତିକ,ଆର୍ଥିକ,ସାମାଜିକ ଏବଂ ଆନୁଷ୍ଠାନିକ ଭିତ୍ତିଭୂମିର ସ୍ମାର୍ଟ ସମାଧାନ ପାଇଁ ପଦକ୍ଷେପ ନେବ ।

ଏହା ଦେଖାଗଲା ଯେ ମାର୍ଚ୍ଚ 2021 ସୁଦ୍ଧା ସହରଗୁଡିକରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉଭୟ ସ୍ମାର୍ଟ ସିଟି ଦ୍ୱାରା ସେପରି କୌଣସି ରଣନୀତି ଭିତ୍ତିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇନାହିଁ ।

---

52 ସ୍ମାର୍ଟ ସିଟି ମିଶନ ର ଦଶଟି ଉପାଦାନ (i) ପର୍ଯ୍ୟାପ୍ତ ଜଳ ଯୋଗାଣ (ii)ସୁନିଶ୍ଚିତ ବିଦ୍ୟୁତ ଯୋଗାଣ (iii)ସ୍ୱଚ୍ଛତା ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା (iv) ସରକାରୀ ପରିବହନ ଏବଂ ଦକ୍ଷ ସହରୀ ଯାତାୟାତ (v)ବିଶେଷତଃ ଗରିବଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ଗୃହ (vi) ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଯୋଗାଯୋଗ ଏବଂ ଡିଜିଟାଲାଇଜେସନର ସୁଦୃଢ଼ିକରଣ (vii) ଭଲ ଶାସନ ରୀତି , ବିଶେଷକରି ଇ-ଶାସନ, ଜନସାଧାରଣଙ୍କ ଯୋଗଦାନ (viii) ସହନୀୟ ପରିବେଶ (ix) ନିରାପଦ ଏବଂ ସହରବାସୀଙ୍କ ସୁରକ୍ଷା ,ବିଶେଷକରି ମହିଳା,ଶିଶୁ ଓ ବୟସ୍କ ଏବଂ (x) ସ୍ୱାସ୍ଥ୍ୟ ଏବଂ ଶିକ୍ଷା

## 7.4 ଆର୍ଥିକ କାର୍ଯ୍ୟ ଯୋଜନା

ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରକ୍ରିୟା ସ୍ମାର୍ଟସିଟି ପ୍ରସ୍ତାବରେ ପ୍ରସ୍ତାବର ସମ୍ପୂର୍ଣ୍ଣ ଜୀବନ ଚକ୍ରର ଆର୍ଥିକ ଯୋଜନା ଅନ୍ତର୍ଭୁକ୍ତ କରାଯିବ । ଏହି ଆର୍ଥିକ ଯୋଜନାରେ ପୁଞ୍ଜି ବିନିଯୋଗ ଏବଂ ପ୍ରକଳ୍ପର ଅବଧି ଉପରେ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପାଣ୍ଠି ସଂଗ୍ରହର ଆଭ୍ୟନ୍ତରୀଣ (ଟିକସ,ଭଡା,ଲାଇସେନ୍ସ ଏବଂ ଉପଭୋକ୍ତା ଦେୟ)ଏବଂ ବାହ୍ୟ (ଅନୁଦାନ,ନିର୍ଦ୍ଦିଷ୍ଟ ରାଜସ୍ୱ,ଋଣ ଏବଂ କରଜ) ଉତ୍ସଗୁଡିକ ଚିହ୍ନଟ ହେବ । ଆର୍ଥିକ ଯୋଜନା 8-10 ବର୍ଷ କିମ୍ବା ତାଠାରୁ ଅଧିକ ସମୟ ମଧ୍ୟରେ ପ୍ରକଳ୍ପ ମୁଲ୍ୟର ପରିଶୋଧ ଏବଂ ଓ ଆଣ୍ଡ୍ ଏମ୍ ମୂଲ୍ୟ ପାଇଁ ଉତ୍ସ ପ୍ରଦାନ କରିବ, ଆହୁରି ମଧ୍ୟ ୟୁଏଲବି ଗୁଡିକର ଆର୍ଥିକ ସୁଦୃଢ଼ୀକରଣ ନିମନ୍ତେ ଉତ୍ସ ଉନ୍ନତିକରଣର ଖସଡା ଅନ୍ତର୍ଭୁକ୍ତ କରିବ ।

ଏହା ଦେଖାଯାଇଥିଲା ଯେ, ମାର୍ଚ୍ଚ 2021 ସୁଦ୍ଧା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉଭୟ ସ୍ମାର୍ଟସିଟି ଦ୍ୱାରା ସେପରି କୌଣସି ଯୋଜନା ପ୍ରସ୍ତୁତ କରାଯାଇ ନଥିଲା ।

## 7.5 ନାଗରିକ ପରିଚାଳିତ କାର୍ଯ୍ୟ ଯୋଜନା

ନିର୍ଦ୍ଦେଶାବଳୀ ଅନୁଯାୟୀ,ଏସସିପି ସ୍ମାର୍ଟ ନାଗରିକତ୍ୱ ସୃଷ୍ଟି କରିବ । ଏହି ପ୍ରସ୍ତାବ ଆରମ୍ଭରୁ ନାଗରିକଙ୍କ ଦ୍ୱାରା ପରିଚାଳିତ ହେବ, ଯେପରିକି ବାସିନ୍ଦା କଲ୍ୟାଣ ସଙ୍ଗଠନ, ଟିକସଦାତା ସଂଘ,ବରିଷ୍ଠ ନାଗରିକ ଏବଂ ବସ୍ତି ବସିନ୍ଦା ସଙ୍ଗଠନ ଇତ୍ୟାଦି, ପ୍ରତ୍ୟକ୍ଷ ଭାବେ ଲୋକସମୁହଙ୍କୁ ଅର୍ନ୍ତଭୁକ୍ତ କରି ନାଗରିକ ମାନଙ୍କ ପରାମର୍ଶକ୍ରମେ ହାସଲ କରାଯିବ । ପରାମର୍ଶ ସମୟରେ ନାଗରିକ ଏବଂ ଗୋଷ୍ଠୀର ସମସ୍ୟା,ଆବଶ୍ୟକତା ଏବଂ ପ୍ରାଥମିକତା ଚିହ୍ନଟ ହେବ ଏବଂ ନାଗରିକ ପରିଚାଳିତ ସମାଧାନ ଗୁଡିକ ସୃଷ୍ଟି ହେବ ।

ଅଡିଟ୍ ରେ ଏହା ଦେଖାଗଲା ଯେ ବର୍ଜ୍ୟବସ୍ତୁ ପରିଚାଳନାରେ ନାଗରିକଙ୍କ ଅଂଶଗ୍ରହଣ ପାଇଁ ଉଭୟ ସ୍ମାର୍ଟ ସିଟି ଦ୍ୱାରା କୌଣସି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇ ନାହିଁ । ଏହିପରି, ସ୍ମାର୍ଟ ସିଟିରେ ବର୍ଜ୍ୟବସ୍ତୁ ପରିଚାଳନାରେ ନାଗରିକଙ୍କ ଅଂଶଗ୍ରହଣ ଦ୍ୱାରା ତଳ ସ୍ତରରୁ ସୂଚନା ଗୁଡିକ ମିଳିପାରିଲା ନାହିଁ ।

## 7.6 ବର୍ଜ୍ୟବସ୍ତୁ ପରିଚାଳନା ଉପାଦାନର କାର୍ଯ୍ୟକାରିତା

ସହର ସ୍ତରରେ ସ୍ମାର୍ଟ ସିଟି ମିଶନର ଏସଡବ୍ଲୁଏମ ଉପାଦାନର କାର୍ଯ୍ୟକାରିତା ଏସପିଭି ଦ୍ୱାରା କରାଯିବ । ରାଜ୍ୟ/ୟୁଏଲବି ଗୁଡିକ ନିଶ୍ଚିତ କରିବେ ଯେ (କ) ଏକ ଉତ୍ସର୍ଗୀକୃତ ଏବଂ ମହତ୍ୱପୂର୍ଣ୍ଣ ରାଜସ୍ୱ ଷ୍ଟ୍ରିମ୍ ଏସପିଭି ପାଇଁ ଉପଲବ୍ଧ ହୋଇଛି ଯେପରି ଦ୍ୱାରା ଏହା ସ୍ୱୟଂ ସ୍ଥାୟୀ ହୋଇପାରିବ ଏବଂ ବଜାରରୁ ଅତିରିକ୍ତ ସମ୍ବଳ ସଂଗ୍ରହ ପାଇଁ ନିଜର କ୍ରେଡିଟ୍ ମୂଲ୍ୟବୋଧକୁ ବିକଶିତ କରିପାରିବ ଏବଂ (ଖ) ସ୍ମାର୍ଟ ସିଟି ପାଇଁ ସରକାରୀ ଅବଦାନ କେବଳ ଯାହା ଭିତ୍ତିଭୂମି ସୃଷ୍ଟିକରି ଜନସାଧାରଣ ପାଇଁ ଲାଭଦାୟକ ଫଳାଫଳ ଉତ୍ପନ୍ନ କରିବାକୁ ବ୍ୟବହୃତ ହେବ । ଏହି ପାଣ୍ଠିକୁ ନଗର ଉନ୍ନୟନ ମନ୍ତ୍ରାଳୟର ସର୍ତ୍ତ ଅନୁଯାୟୀ କାର୍ଯ୍ୟକରାଯିବ । କେବଳ ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ଉଚିତ୍ ଯେଉଁଥିପାଇଁ ଅନୁଦାନ ପ୍ରଦାନ କରାଯାଇଛି ।

ସେହି ଅନୁଯାୟୀ 08 ମାର୍ଚ୍ଚ 2016 ରୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ) ଏବଂ 03 ଅକ୍ଟୋବର 2016 ରୁ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (ଆରଏସସିଏଲ) ପ୍ରତିଷ୍ଠା କରାଯାଇଥିଲା । ଏସପିଭି ପ୍ରତିଷ୍ଠା ପୂର୍ବରୁ ଏହି ସ୍ମାର୍ଟ ସହରଗୁଡିକରେ କଠିନ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ର ସ୍ଥିତି ନିମ୍ନ ସାରଣୀ ରେ ଦର୍ଶାଯାଇଛି ।

### ସାରଣୀ 7.1 2011-12 ରୁ 2014-15 ମଧ୍ୟରେ ଉତ୍ପାଦିତ ବର୍ଜ୍ୟବସ୍ତୁର ସ୍ଥିତି

(ପରିମାଣ ଟନ୍ ରେ)

| ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ | | | | ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ | | |
|---|---|---|---|---|---|---|
| ବର୍ଷ | କଠିନ ବର୍ଜ୍ୟବସ୍ତୁ | ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | ନିମାଣ ଏବଂ ଏହା ଭଗ୍ନାବଶେଷ ବର୍ଜ୍ୟବସ୍ତୁ | କଠିନ ବର୍ଜ୍ୟବସ୍ତୁ | ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | ନିମାଣ ଏବଂ ଏହା ଭଗ୍ନାବଶେଷ ବର୍ଜ୍ୟବସ୍ତୁ |
| 2011-12 | 450 | ତଥ୍ୟ ନାହିଁ | ତଥ୍ୟ ନାହିଁ | 80 | ତଥ୍ୟ ନାହିଁ | ତଥ୍ୟ ନାହିଁ |
| 2012-13 | 450 | ତଥ୍ୟ ନାହିଁ | ତଥ୍ୟ ନାହିଁ | 125 | ତଥ୍ୟ ନାହିଁ | ତଥ୍ୟ ନାହିଁ |
| 2013-14 | 450 | ତଥ୍ୟ ନାହିଁ | ତଥ୍ୟ ନାହିଁ | 125 | ତଥ୍ୟ ନାହିଁ | ତଥ୍ୟ ନାହିଁ |
| 2014-15 | 450 | ତଥ୍ୟ ନାହିଁ | ତଥ୍ୟ ନାହିଁ | 125 | ତଥ୍ୟ ନାହିଁ | ତଥ୍ୟ ନାହିଁ |

(ଉତ୍ସ: ଏସପିସିବିର ବାର୍ଷିକ ରିପୋର୍ଟ ଅନୁସାରେ )

ଅଡିଟ୍ ରେ ଏହା ଦେଖାଗଲା ଯେ ଉଭୟ ସ୍ମାର୍ଟ ସିଟିରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏସପିଭି ଗୁଡିକ କୌଣସି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ନଥିଲେ । ଫଳସ୍ୱରୂପ , ଉଭୟ ସହରେ ଉତ୍ପାଦିତ ଏବଂ ସଂଗୃହିତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହୋପାରିଲା ନାହିଁ ଏବଂ ଶେଷରେ ଲ୍ୟାଣ୍ଡଫିଲ୍ ରେ ପକାଗଲା ଯାହା ନିମ୍ନରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

**ସାରଣୀ - 7.2: 2015-16 ରୁ 2019-20 ପର୍ଯ୍ୟନ୍ତ ସ୍ମାର୍ଟସିଟିରେ ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁ ଉତ୍ପାଦନ,ସଂଗ୍ରହ ଏବଂ ପ୍ରକ୍ରିୟାକରଣ ର ସ୍ଥିତି**

| ବିଶେଷ | 2015-16 | 2016-17 | 2017-18 | 2018-19 | 2019-20 |
|---|---|---|---|---|---|
| **କଠିନ ବର୍ଜ୍ୟବସ୍ତୁ ର ଦୈନିକ(ଟନ୍ ରେ )** | | | | | |
| ଉତ୍ପାଦିତ କଠିନ ବର୍ଜ୍ୟବସ୍ତୁ | 575 | 575 | 640 | 640 | 640 |
| ସଂଗୃହୀତ କଠିନ ବର୍ଜ୍ୟବସ୍ତୁ | 545 | 545 | 622 | 622 | 622 |
| ପ୍ରକ୍ରିୟାକୃତ କଠିନ ବର୍ଜ୍ୟବସ୍ତୁ | 0 | 0 | 0 | 0 | 0 |
| ଲ୍ୟାଣ୍ଡଫିଲ୍ କଠିନ ବର୍ଜ୍ୟବସ୍ତୁ | 545 | 545 | 622 | 622 | 622 |
| **ପ୍ଲାଷ୍ଟିକ୍ ଆବର୍ଜନା ବାର୍ଷିକ ଟନ୍ ରେ** | | | | | |
| ଉତ୍ପାଦିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | 85* | ତଥ୍ୟ ନାହିଁ | 2160* | 15292 | 17520 |
| ସଂଗୃହୀତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | 85 | ତଥ୍ୟ ନାହିଁ | 2160 | 15292 | 17520 |
| ପ୍ରକ୍ରିୟାକୃତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | 0 | ତଥ୍ୟ ନାହିଁ | 0 | 0 | 0 |
| ଲ୍ୟାଣ୍ଡଫିଲ୍ କୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | 85 | ତଥ୍ୟ ନାହିଁ | 2160 | 15292 | 17520 |
| **ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ବାର୍ଷିକ୍ ଟନ୍ ରେ** | | | | | |
| ଉତ୍ପାଦିତ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ | ତଥ୍ୟ ନାହିଁ | ତଥ୍ୟ ନାହିଁ | ତଥ୍ୟ ନାହିଁ | 67 | 67 |
| ସଂଗୃହୀତ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ | ତଥ୍ୟ ନାହିଁ | ତଥ୍ୟ ନାହିଁ | ତଥ୍ୟ ନାହିଁ | 67 | 67 |
| ପ୍ରକ୍ରିୟାକୃତ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ | ତଥ୍ୟ ନାହିଁ | ତଥ୍ୟ ନାହିଁ | ତଥ୍ୟ ନାହିଁ | 0 | 0 |
| ଲ୍ୟାଣ୍ଡଫିଲ୍ ନିମନ୍ତେ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ | ତଥ୍ୟ ନାହିଁ | ତଥ୍ୟ ନାହିଁ | ତଥ୍ୟ ନାହିଁ | 67 | 67 |

ଏହା ଉପରୋକ୍ତ ସାରଣୀରୁ ଦେଖାଯାଇ ପାରେ ଯେ, 2,956 ଟିପିଡି କ ଠିନ ବର୍ଜ୍ୟବସ୍ତୁ ଏବଂ 35,057 ଟିପିଡି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ 2015-20 ମସିହାରେ ପ୍ରକ୍ରିୟାକରଣ ନକରି ଲ୍ୟାଣ୍ଡଫିଲ୍ ରେ ପକାଯାଇଥିଲା । ସେଇଭଳି 2018-2020 ମଧ୍ୟରେ ସଂଗୃହୀତ 134 ଟିପିଏ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ , ୟୁଏଲବି ଏବଂ ସ୍ମାର୍ଟ ସିଟିରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଅଭାବର ପ୍ରକ୍ରିୟାକରଣ ନକରି ଲ୍ୟାଣ୍ଡଫିଲ୍ ରେ ପକାଯାଇଥିଲା । ଉଭୟ ସ୍ମାର୍ଟସିଟି ମାର୍ଚ୍ଚ 2021 ସୁଦ୍ଧା ପ୍ରକ୍ରିୟାକରଣ ପାଇଁ କୌଣସି ଏସଡବ୍ଲୁଏମ ପ୍ରକଳ୍ପ କାର୍ଯ୍ୟକାରି କରିନାହାନ୍ତି । ଆବର୍ଜନା ମୁକ୍ତ ସ୍ମାର୍ଟସିଟିର ଉଦ୍ଦେଶ୍ୟ ପୂରଣ ନହେବା ଏହି ଏସପିଭି ମାନଙ୍କର ଉତ୍ତରଦାୟୀତ୍ୱହିନତା କୁ ସୂଚିତ କରୁଛି ।

ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଗ୍ରହଣ କରାଯିବାକୁ ଥିବା ନୀତି ହେଉଛି 3 ଆର ପଦାନୁକ୍ରମ ଯାହା ଅନାବଶ୍ୟକ ବର୍ଜ୍ୟ କମାଇବା, ପୁନଃ ବ୍ୟବହାର କରିବା ଏବଂ ଅନାବଶ୍ୟକ ଜିନିଷକୁ ବଜାର ଉପଯୋଗି କରିବାକୁ ପୁନଃ ବ୍ୟବହାରିତ ପଦାର୍ଥରେ ରୂପାନ୍ତରିତ କରିବା ପାଇଁ , ପୁନଃ ପ୍ରକ୍ରିୟାକରଣ କରିବା ଏହା 3 ଆର ନୀତି ର ଆଭିମୁଖ୍ୟ ସହିତ ଘନିଷ୍ଠ ଭାବେ ଜଡିତ, ଯାହା ବର୍ଜ୍ୟବସ୍ତୁର ପରିମାଣ, ଏହାର ପରିଚାଳନା ସହିତ ଜଡିତ ମୂଲ୍ୟ ଏବଂ ପରିବେଶ ଉପରେ ପ୍ରଭାବ କମାଇବାରେ ସାହାଯ୍ୟ କରେ । ଏସଡବ୍ଲୁଏମ ମାନୁଆଲ ଦର୍ଶାଏ ଯେ, ବର୍ଜ୍ୟବସ୍ତୁ କମ୍ କରିବା, ରଣନୀତି ଜାତୀୟ, ରାଜ୍ୟ ତଥା ସହର ସ୍ତରରେ ନୀତିଗତ ହସ୍ତକ୍ଷେପ ଦରକାର କରେ ।

ଅଡିଟ ନୀରିକ୍ଷଣ କରି ଦେଖିଲେ ଯେ ସ୍ମାର୍ଟସିଟି ସହରଗୁଡିକ ମାର୍ଚ୍ଚ 2021 ସୁଦ୍ଧା ବର୍ଜ୍ୟବସ୍ତୁ କୁ ରୋକିବା, କମ କରିବା, ପୁନଃ ବ୍ୟବହାର ପାଇଁ କୌଣସି ରଣନୀତି/ ନୀତି ଆରମ୍ଭ କରିନଥିଲେ ଯାହା ଫଳରେ ଶତପ୍ରତିଶତ ବର୍ଜ୍ୟବସ୍ତୁ କୌଣସି ପ୍ରକିୟାକରଣ ହୋଇନପାରି ଲ୍ୟାଣ୍ଡଫିଲ/ ଡମ୍ପିଂ ଅଞ୍ଚଳରେ ଜମା ହୋଇଥିଲା ।

## 7.6.1 ପାଣ୍ଠିର ଅନ୍ୟତ୍ର ବିନିଯୋଗ

ସ୍ମାର୍ଟ ସିଟି ମିଶନ ନିୟମାବଳୀ ସହରଗୁଡିକରେ ବର୍ଜ୍ୟବସ୍ତୁ ପରିଚାଳନା ଯେପରି ବର୍ଜ୍ୟରୁ ଶକ୍ତି ଏବଂ ଇନ୍ଧନ ଦ୍ରବ୍ୟକୁ କମ୍ପୋଷ୍ଟରେ ପରିଣତ, ବର୍ଜ୍ୟଜଳ ବିଶୋଧନ ହେବା ଏବଂ ନିର୍ମାଣ ଓ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ର ପୁନଃ ବ୍ୟବହାର ଏବଂ ହ୍ରାସ କରିବାକୁ ସୁପାରିଶ କରେ ।

ଅଡିଟ୍ ଦେଖିଲା (ଡିସେମ୍ବର 2020) ଯେ ଏକ ଏସଡବ୍ଲୁଏମ ପ୍ରକଳ୍ପ "ବର୍ଜ୍ୟବସ୍ତୁ ପୁନଃ ପ୍ରକ୍ରିୟାକରଣ" (ଯଥା ବର୍ଜ୍ୟବସ୍ତୁରୁ ଶକ୍ତି ଏବଂ ଇନ୍ଧନ, ବର୍ଜ୍ୟରୁ କମ୍ପୋଷ୍ଟ,ବର୍ଜ୍ୟଜଳ ବିଶୋଧନ ଏବଂ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ) କାର୍ଯ୍ୟକାରୀ କରିବା ପାଇଁ ବିଏସସିଏଲ ଭୁବନେଶ୍ୱର ମହାନଗର ନିଗମକୁ । ଦୁଇଟି ପର୍ଯ୍ୟାୟରେ (ମାର୍ଚ୍ଚ

2017/ମାର୍ଚ୍ଚ 2018) ₹25 କୋଟି[53] ପାଣ୍ଠି ପ୍ରଦାନ କରିଥିଲା । ପରନ୍ତୁ ବିଏମସି ଖନନକାରୀ, ପାଣିଟାଙ୍କି, ଯାନବାହାନ, ମିନି ଟ୍ରକ୍, କଠିନ ବର୍ଜ୍ୟବସ୍ତୁ ପରିବହନ, ବ୍ଲିଚିଂ ପାଉଡର ଯୋଗାଣ, ଡଷ୍ଟବିନ୍ କ୍ରୟ, ବାବଦରେ ପାଣ୍ଠି ଅନ୍ୟତ୍ର ଖର୍ଚ୍ଚ କରି ବର୍ଜ୍ୟ ପୁନଃ ପ୍ରକ୍ରିୟାକରଣ ପ୍ରକଳ୍ପ ର ଉଦ୍ଦେଶ୍ୟକୁ ସମ୍ପନ୍ନ ନ କରି ₹25 କୋଟି ର ବିନିଯୋଗ ପତ୍ର ମାର୍ଚ୍ଚ 2017/ମାର୍ଚ୍ଚ 2018) ଦାଖଲ କଲେ । ମିଶନ ଅବଧି ସମାପ୍ତ ହେବାସତ୍ତ୍ୱେ ଭୁବନେଶ୍ୱରକୁ ସ୍ୱଚ୍ଛ ସହର ଭାବେ ପରିଣତ କରିବା ପାଇଁ ବିଏସସିଏଲ ଦ୍ୱାରା କୌଣସି ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଗ୍ରହଣ କରାଯାଇ ନାହିଁ । ବୋଧହୁଏ ବିଏସସିଏଲର ଅଭାବନୀୟ ମନୋଭାବ ଏହା ପ୍ରମାଣ କରେ ଯେ ଏବଂ ସ୍ୱଚ୍ଛ ସହର ଏବଂ ସ୍ଥାୟୀ ସଂପ୍ରଦାୟର ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ ନକରି ଏସଡବ୍ଲୁଏମ ଉପାଦାନ ଅଧିନରେ ଅର୍ଥ ପାଇବା ହେଉଛି ଏସପିସିଭିର ଉଦ୍ଦେଶ୍ୟ । ସ୍ମାର୍ଟ ସିଟି ରାଉରକେଲା ମାର୍ଚ୍ଚ 2021 ସୁଦ୍ଧା କୌଣସି ଏସଡବ୍ଲୁଏମ ପ୍ରକଳ୍ପ ନେଇ ନଥିଲେ । ଏହାଦ୍ୱାରା, 3 ଆଉ ନୀତି ସ୍ମାର୍ଟ ସିଟି ଗୁଡିକରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ହୋଇ ପାରିଲା ନାହିଁ ।

ସରକାର କହିଲେ (ମଇ 2022) ଯେ, ଅଡିଟ୍ ର ବିରୋଧ ଯୋଗୁଁ  ସେହି ସମୟର ମୁଖ୍ୟ ଆର୍ଥିକ ଅଫିସରଙ୍କ ଦ୍ୱାରା ଜାରୀ କରାଯାଇଥିବା ଉପଯୋଗ ସାର୍ଟିଫିକେଟ୍  ବିଚାର କରାଗଲା ନାହିଁ  ଏବଂ ବିଏମସି ପାଣ୍ଠିର ଉପଯୋଗ ଲାଗି ବିଏସସିଏଲ ସହ ଏକ ଚୁକ୍ତି କଲା । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ , ବିଏମସି ଏହି ପାଣ୍ଠିକୁ  ବର୍ଜ୍ୟ- ପୁନଃ - ପ୍ରକ୍ରିୟାକରଣ ଲାଗି ବ୍ୟବହାର ନ କରି ଅନ୍ୟ କାମରେ ଉପଯୋଗ କରିଥିଲା ।

## 7.6.2 ଉପଭୋକ୍ତା ଦେୟର ଅଣ ସଂଗ୍ରହ

ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ମାର୍ଟ ସିଟି ନିର୍ଦ୍ଧାରିତ ଭାବରେ ୟୁଏଲବି ଦ୍ୱାରା ଅନୁମୋଦିତ ଉପଭୋକ୍ତା ଦେୟ ସଂଗ୍ରହ କରିବ ।

ଅଡିଟ୍ ନୀରିକ୍ଷଣ କଲା ଯେ ମାର୍ଚ୍ଚ 2021 ସୁଦ୍ଧା ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟ ସିଟି ଦ୍ୱାରା କୌଣସି ଉପଭୋକ୍ତା ଦେୟ ସଂଗ୍ରହ କରାଯାଇନଥିଲା । ଭୁବନେଶ୍ୱର ପୌର ନିଗମ ମଧ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ମାର୍ଚ୍ଚ 2021 ସୁଦ୍ଧା ଉପଭୋକ୍ତା ଦେୟ ଆଦାୟ କରିନଥିଲେ ।  ରାଉଲକେଲା ମୁନିସିପାଲିଟି ଉପଭୋକ୍ତା ଦେୟ ସଂଗ୍ରହ ମେ 2020 ଠାରୁ ଆରମ୍ଭ କରିଛନ୍ତି ଏବଂ ମାର୍ଚ୍ଚ 2021 ସୁଦ୍ଧା ନିଗମ ଦ୍ୱାରା ₹32 ଲକ୍ଷ ଆଦାୟ ହୋଇଥିଲା ।

## 7.7 ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେ ର୍ୟାଙ୍କିଙ୍ଗ୍ ରେ ପତନ

ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ବର୍ଗ ଯଥା: ସ୍ୱଚ୍ଛତା,ପରିମଳ,ଆବର୍ଜନା ମୁକ୍ତ ସହର ଇତ୍ୟାଦି ଅଧିନରେ ସ୍ମାର୍ଟ ସିଟି ମାନଙ୍କର ଏକ ବାର୍ଷିକ  ମୂଲ୍ୟାଙ୍କନ ହେଉଛି ସ୍ୱଚ୍ଛ ସର୍ଭେକ୍ଷଣ । ସହରାଞ୍ଚଳର ଆହ୍ୱାନର ସମାଧାନ ତଥା ନାଗରିକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ବ୍ୟବହୃତ ଟେକ୍ନୋଲୋଜି ଉପରେ ଆଧାର କରି ଭୁବନେଶ୍ୱର ସହର 2016 ରେ ଦେଶର ଏକ ନମ୍ବର ସ୍ମାର୍ଟ ସିଟି ଥିଲା । ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେ ଅନୁସାରେ ଭୁବନେଶ୍ୱର 2016 ରେ  24 ତମ ସ୍ଥାନରେ ଥଲା । ଏହା 2019 ରେ 274 ତମ ସ୍ଥାନକୁ ଖସି ଆସିଲା ଏବଂ 2021 ମସିହାରେ ପୁନର୍ବାର 144 ତମ ମାନ୍ୟତାକୁ ବୃଦ୍ଧି ପାଇଲା । ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା ଏବଂ ପରିମଳ ପାଇଁ ବାର୍ଷିକ ଏହା 130 ତମ ସ୍ଥାନକୁ ଉନ୍ନୀତ ହୋଇଛି । ଯେତେବେଳେ କି ରାଉରକେଲା ୱାନ୍ ଷ୍ଟାର ର୍ୟାଙ୍କିଙ୍ଗ୍[54] ପାଇବାରେ ଏକମାତ୍ର ସହର ଥିଲା । 1-10 ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଆବର୍ଜନା ମୁକ୍ତ ସହର ବର୍ଗରେ ଏହା 57 ତମ ସ୍ଥାନରେ ରହିଛି ।

ଅଡିଟ୍ ଜାଣିବାକୁ ପାଇଲା ଯେ ,  ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ସର୍ଭେ ଏବଂ ରାଙ୍କିଙ୍ଗ୍ର ସତ୍ୟତା କେତେଦୁର ଠିକ୍ ଏହା ବୁଝାପଡୁଥିଲା ଯେହେତୁ ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯାଇଥିବା ପରି ଏହି ସ୍ମାର୍ଟ ସହର ଗୁଡିକରେ ଏସଡବ୍ଲୁଏମ ର ଅବସ୍ଥା ଅତ୍ୟନ୍ତ ସନ୍ତୋଷଜନକ ଥିଲା ।

---

[53] ମିଶନ ଅଧିନରେ ଥିବା ପ୍ରକଳ୍ପ ପାଇଁ ଭାରତ ସରକାର ଏବଂ ଓଡିଶା ସରକାର ପ୍ରତ୍ୟେକ ଅଂଶର 50 ପ୍ରତିଶତ ପାଣ୍ଠି ମୁକ୍ତ କରିଛନ୍ତି

[54] ଗୋଟିଏ ତାରକା ପାଇଁ ନ(i) ବାଧତାମୂଳକ ଅତିକମ୍ ରେ 40 ପ୍ରତିଶତ (ଦ୍ୱାରରୁ ଦ୍ୱାର ସଂଗ୍ରହ,ୱାର୍ଡ ସ୍ତରରେ ପୃଥକତା,ସୁଇପିଂ, ଲିଟର ବିନ୍,ଷ୍ଟୋରେଜ୍ ବିନ୍, ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ,(ଓଦା ଆବର୍ଜନା),ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କ୍ଷମତା,ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ(ଶୁଖିଲା ବର୍ଜ୍ୟବସ୍ତୁ) (ii)ଅତିକମ୍ ରେ 30 ପ୍ରତିଶତ ଜରୁରୀ (ପେନାଲ୍ଟି , ସ୍ପଟ୍ ଜୋରିମାନା,ସହର ସ୍ତରରେ ପୃଥକତା, ଉପଭୋକ୍ତା ଚାର୍ଜ, ପ୍ଲାଷ୍ଟିକ୍ ,ନିଷେଧ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ସଂଗ୍ରହ, ବୈଜ୍ଞାନିକ ଲ୍ୟାଣ୍ଡଫିଲ୍ ଉପଲବ୍ଧତା ଏବଂ ବ୍ୟବହାର,ବୈଜ୍ଞାନିକ ଲ୍ୟାଣ୍ଡଫିଲ୍ ବର୍ଜ୍ୟବସ୍ତୁ ନିଷ୍କାସନ,ଜଳରେ  ଦୃଶ୍ୟମାନ ନଥିବା କଠିନ ବର୍ଜ୍ୟବସ୍ତୁ ଏବଂ ବର୍ଷା ଜଳ ନିଷ୍କାସନର ସ୍କ୍ରିନିଂ

### 7.7.1 ରାଜ୍ୟ ସ୍ତରରେ ସ୍ମାର୍ଟ ସିଟି ମିଶନର ପର୍ଯ୍ୟାଲୋଚନା

ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ରାଜ୍ୟ ସ୍ତରୀୟ ଉଚ୍ଚ କ୍ଷମତା ସମ୍ପନ୍ନ ଷ୍ଟିଅରିଂ କମିଟି (ଏଚ୍‌ପିସି) ରହିବ, ଯାହାକି ମିଶନ କାର୍ଯ୍ୟକ୍ରମକୁ ସଂମ୍ପୂର୍ଣ୍ଣ ରୁପେ ପରିଚାଳନା କରିବ । ଏଚପିଏସସି ରେ ରାଜ୍ୟ ସରକାରୀ ବିଭାଗର[55] ପ୍ରତିନିଧି ରହିବେ । ସ୍ମାର୍ଟ ସିଟି ସହ ଜଡିତ ୟୁଏଲବିର ମେୟର ଏବଂ ମ୍ୟୁନିସିପାଲିଟି କମିଶନରଙ୍କୁ ଏଚପଏସିସିରେ ପ୍ରତିନିଧିତ୍ୱ ରହିବ । ସେଠାରେ ଜଣେ ରାଜ୍ୟ ମିଶନ ନିର୍ଦ୍ଦେଶକ ମଧ ରହିବେ ଯିଏକି ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିବା ରାଜ୍ୟ ସରକାରଙ୍କ ସଚିବ ପଦବୀରୁ କମ୍ ନୁହନ୍ତି । ରାଜ୍ୟ ମିଶନ ନିର୍ଦ୍ଦେଶକ ରାଜ୍ୟ ଏଚପିଏସସିର ସହସ୍ୟ ସଚିବ ଭାବେ କାର୍ଯ୍ୟ କରିବେ । ଏଚପିଏସସି ର ମୁଖ୍ୟ ଦାୟିତ୍ୱ ଗୁଡିକ ହେଉଛି (i) ମିଶନକୁ ମାର୍ଗ ଦର୍ଶନ ଦେବା ଏବଂ ସ୍ମାର୍ଟ ସିଟିର ବିକାଶ ସମ୍ବନ୍ଧୀୟ ଚିନ୍ତାଧାରା ଆଦାନ ପ୍ରଦାନ ପାଇଁ ରାଜ୍ୟସ୍ତରୀୟ ପ୍ଲାଟଫର୍ମ ଯୋଗାଇବା ଏବଂ (ii) ସ୍ମାର୍ଟ ସିଟି ପ୍ରସ୍ତାବ ଗୁଡିକର ସମୀକ୍ଷା କରିବା ଏବଂ ଚାଲେଞ୍ଜରେ ଅଂଶଗ୍ରହଣ ପାଇଁ ଏମଓୟୁଡିକୁ ପଠାଇବା ।

ଅଡିଟ୍ ଦେଖିଲେ ଯେ ତୃତୀୟ ଏବଂ ଚତୁର୍ଥ ଏଚପିଏସସି ବୈଠକରେ ବିଏସସଏଲ ଏବଂ ଆରଏସସିଏଲ ପାଇଁ ସ୍ମାର୍ଟ ସିଟି ପ୍ରସ୍ତାବ ଯଥାକ୍ରମେ ଡିସେମ୍ବର 2015 ଏବଂ ଜୁନ୍ 2016 ରେ ଦାଖଲ କରାଯାଇଥିଲା । ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ମାର୍ଟ ସିଟି ମିଶନ ଅଧିନରେ ସ୍ମାର୍ଟସିଟି ପ୍ରକଳ୍ପ ଦକ୍ଷତାର ସହିତ କାର୍ଯ୍ୟକାରି କରିବା ଏବଂ କାର୍ଯ୍ୟକାରିତା ପାଇଁ ଉଭୟ ସ୍ମାର୍ଟ ସିଟିର ଏସଭିପିକୁ କ୍ଷମତା ପ୍ରଦାନ କରିଥିଲେ (ନଭେମ୍ବର 2017) । ପରନ୍ତୁ, ଏହି ସ୍ମାର୍ଟ ସିଟି ଦ୍ୱାରା କାର୍ଯ୍ୟକାରି ହୋଇଥିବା ପ୍ରକଳ୍ପ ଗୁଡିକ ପାଇଁ ଏଚପିଏସସି କୌଣସି ସମୀକ୍ଷା ବୈଠକ ହୋଇନଥିଲା । ଏହା ସ୍ମାର୍ଟସିଟି ପ୍ରକଳ୍ପର ଦକ୍ଷତାର ସହ କାର୍ଯ୍ୟକାରିତା ପାଇଁ ଖରାପ ସମର୍ଥନ ବୋଲି ସୂଚିତ କରେ ।

### 7.7.2 ସିଟି ସ୍ତରରେ ସ୍ମାର୍ଟ ସିଟି ମିଶନର ତ୍ରୁଟିଯୁକ୍ତ ପର୍ଯ୍ୟାଲୋଚନା

ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ମାର୍ଟ ସିଟିର ବିକାଶ ପାଇଁ ବିଭିନ୍ନ ହିତାଧିକାରୀଙ୍କ[56] ମଧରେ ସହଯୋଗ ଏବଂ ପରାମର୍ଶ ଦେବା ପାଇଁ ସମସ୍ତ ସ୍ମାର୍ଟ ସିଟି ପାଇଁ ସହର ସ୍ତରରେ ଏକ ସ୍ମାର୍ଟ ସିଟି ପରାମର୍ଶଦାତା ଫୋରମ୍ ପ୍ରତିଷ୍ଠା କରାଯିବ । ମେୟରଙ୍କ ନେତୃତ୍ୱରେ ସହର ସ୍ତରୀୟ ଫୋରମ୍ ଏବଂ ସ୍ମାର୍ଟ ସିଟି ପ୍ରକଳ୍ପ ଉପରେ ନଜର ରଖିବା ପାଇଁ ସହରର ଅନ୍ୟ ସଦସ୍ୟ ମାନଙ୍କଦ୍ୱାରା ଏସପିଭିକୁ ପରାମର୍ଶ ଦିଆଯାଏ ।

ଅଡିଟ୍ ଦେଖିଲା ଯେ ୟୁଏଲବି ନିର୍ବାଚନ ବିନା ଜାନୁଆରୀ 2019 (ବିଏମସି)/ନଭେମ୍ବର 2014(ଆରଏସସିଏଲ) ରୁ ମାର୍ଚ୍ଚ 2021 ପର୍ଯ୍ୟନ୍ତ ଏହି ନିଗମରେ କୌଣସି ମେୟର ନଥିବାରୁ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ନଜର ରଖିବା ପାଇଁ ଉଭୟ ସ୍ମାର୍ଟ ସିଟି ଦ୍ୱୟରେ କୌଣସି ସହର ସ୍ତରୀୟ ଫୋରମ୍ ଗଠନ ହୋଇନଥିଲା । ଏହିପରି, ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ମାର୍ଟସିଟି ବିକାଶ କାର୍ଯ୍ୟକ୍ରମରେ ସମ୍ପ୍ରଦାୟର ଅଂଶଗ୍ରହଣର ଅଭାବ ଦେଖାଯାଇଥିଲା ।

---

55 ଉଚ୍ଚ ଶକ୍ତି ପରିଚାଳନା କମିଟିର ଗଠନ(i)ମୁଖ୍ୟ ସଚିବ, ଅର୍ଥ(ii)ମୁଖ୍ୟ ସଚିବ,ଯୋଜନା(iii)ମୁଖ୍ୟ ସଚିବ/ନିର୍ଦ୍ଦେଶକ, ସହର ଏବଂ ଦେଶ ଯୋଜନା ବିଭାଗ(iv)ଏମଓୟୁଡି ର ପ୍ରତିନିଧିମାନେ(v)ରାଜ୍ୟରେ ଏସପିଭିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (vi)ମେୟର ଏବଂ ମ୍ୟୁନିସିପାଲିଟି କମିଶନର/ୟୁଏଲବି ର ମୁଖ୍ୟ କାର୍ଯ୍ୟନିର୍ବାହୀ (vii)ସଚିବ/ଇଞ୍ଜିନିୟର-ମୁଖ୍ୟ, ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ ଏବଂ (viii)ମୁଖ୍ୟ ସଚିବ, ସହରୀ ବିକାଶ ସଦସ୍ୟ ସଚିବ

56 ହୀତାଧିକାରୀରେ ଅର୍ନ୍ତଭୁକ୍ତ ଅଟନ୍ତି: ଜିଲ୍ଲା କଲେକ୍ଟର,ସାଂସଦ,ବିଧାୟକ,ମେୟର,ସ୍ୱତନ୍ତ୍ର ଉଦ୍ଦେଶ୍ୟମୂଳକ ଯାନ(ଏସପିଭି) ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ), ସ୍ଥାନୀୟ ଯୁବକ,ବୈଷୟିକ ବିଶେଷଜ୍ଞ, ଏବଂ ସେହି ଅଞ୍ଚଳର ଅତି କମ୍ ରେ ଜଣେ ସଦସ୍ୟ ଯିଏ (i) ପଞ୍ଜିକୃତ ବାସିନ୍ଦା ସଂଙ୍ଗଠନର ସଦସ୍ୟ (ii) ପଞ୍ଜିକୃତ ଟିକସଦାତା ସଂଘ/କରଦାତା ପ୍ରଦାନ ସଙ୍ଗଠନର ସଦସ୍ୟ (iii) ବସ୍ତି ସ୍ତରୀୟ ଫେଡେରେଶନର ସଭାପତି/ ସଚିବ ଏବଂ (iv) ଏକ ଅଣ ସରକାରୀ ସଂଗଠନର ସଦସ୍ୟ କିମ୍ବା ମହିଳା ମଣ୍ଡଳୀ/ ଚାମ୍ବର ଅଫ୍ କମର୍ସ/ଯୁବ ସଙ୍ଗଠନର ସଦସ୍ୟ